Prepp
Your Personal Exams Guide

04 (PII)

## PAPER – II
ପ୍ରଶ୍ନପତ୍ର-୨

# ORIYA LANGUAGE AND LITERATURE
ଓଡ଼ିଆ ଭାଷା ଓ ସାହିତ୍ୟ

**Full Marks : 150** | **Time : 3 Hours**
ପୂର୍ଣ୍ଣ ସଂଖ୍ୟା : ୧୫୦ | ସମୟ : ୩ଘଣ୍ଟା

---

***Instructions :***

1) *The question paper contains in total 8 questions (Q. No. 1 to 8.)*
2) *The question paper is divided into 2 Sections i.e. 'Group – A' (Q. No. – 1 to 4) and 'Group – B' (Q. No. 5 to 8.)*
3) *The candidates has to attempt **six** questions in **all**. Q. No. 1 and Q. No. 5 are **compulsory**.*
4) *The remaining **four** questions are to be attempted, choosing atleast **one** question from **each** Section.*

ନିର୍ଦ୍ଦେଶ –

୧) ପ୍ରଶ୍ନପତ୍ରଟି ସର୍ବମୋଟ ୮ ଗୋଟି (ପ୍ରଶ୍ନସଂଖ୍ୟା୧ରୁ୮) ପ୍ରଶ୍ନକୁ ନେଇ ପ୍ରସ୍ତୁତ କରାଯାଇଛି ।

୨) ପ୍ରଶ୍ନପତ୍ରଟି ଦୁଇଭାଗରେ ବିଭକ୍ତ : ଯଥା 'କ-ବିଭାଗ' (ପ୍ରଶ୍ନ ସଂଖ୍ୟା୧ରୁ୪) ଏବଂ 'ଖ-ବିଭାଗ' (ପ୍ରଶ୍ନ ସଂଖ୍ୟା ୫ରୁ୮) ।

୩) ପରୀକ୍ଷାର୍ଥୀ ମାନଙ୍କୁ ସର୍ବମୋଟ ୬ଗୋଟି ପ୍ରଶ୍ନର ଉତ୍ତର ଦେବାକୁ ହେବ । 'କ-ବିଭାଗ' ର ପ୍ରଶ୍ନସଂଖ୍ୟା-୧ ଏବଂ 'ଖ-ବିଭାଗ' ପ୍ରଶ୍ନ ସଂଖ୍ୟା - ୫ ଉତ୍ତର ଦେବ ବାଧ୍ୟତା ମୂଳକ ।

୪) ଏହାବ୍ୟତୀତ ପ୍ରତ୍ୟେକ ବିଭାଗରୁ ୨ ଗୋଟି ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ।

**Marks**

'କ'-ବିଭାଗ

୧. ଯେକୌଣସି ପାଞ୍ଚଗୋଟି ପ୍ରଶ୍ନର ଉତ୍ତର ଦିଅ । (୫×୭=୩୫)

କ) 'ଭରଭାମ' ଶାଳାଲେଖର ଭାଷାତାତ୍ତ୍ୱିକ ଆଲୋଚନା କର ।

ଖ) ଓଡ଼ିଆ ଲିପିର କ୍ରମବିକାଶ ଦର୍ଶାଅ ।

ଗ) 'ଯମକ' ଅଲଙ୍କାରର ସ୍ୱରୂପ ବର୍ଣ୍ଣନା କର ।

Marks

ଘ) ଓଡ଼ିଆ 'ଅବ୍ୟୟ' ପଦ ସଂପର୍କରେ ଆଲୋଚନା କର ।

ଙ) 'ଲକ୍ଷ୍ମୀପୁରାଣ' ସମାଜ ସଂସ୍କାରର ବାର୍ତ୍ତା ବହନ କରେ - ଆଲୋଚନା କର ।

ଚ) 'ପ୍ରାଚିନ ଓଡ଼ିଆ ଗଦ୍ୟର ଶୈଳୀ ସଂପର୍କରେ ଆଲୋଚନା କର ।

ଛ) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକର ବୈଶିଷ୍ଟ୍ୟ ଉଲ୍ଲେଖ କର ।

୨. ଓଡ଼ିଆ ଭାଷା ଉପରେ ଆଦିବାସୀ ଭାଷାର ପ୍ରଭାବ ଦର୍ଶାଅ । ୨୦

୩. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ଦିଗ ବିଶ୍ଳେଷଣ କର । ୨୦

୪. ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ନାଟକର କ୍ରମ-ବିକାଶଧାରା ଆଲୋଚନା କର । ୨୦

'ଖ'-ବିଭାଗ

୫. ଯେକୌଣସି ପାଞ୍ଚଗୋଟି ପ୍ରଶ୍ନର ଉତ୍ତର ଦିଅ । (୫×୭=୩୫)

କ) ଜଗନ୍ନାଥ ଦାସଙ୍କ ଭାଗବତରେ ଗୋପୀଭାବ ।

ଖ) 'କାରା କବାଟ' ରେ କବିଙ୍କର ଅନୁଚିନ୍ତା ।

ଗ) 'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ଭଗିଆ ଚରିତ୍ର ।

ଘ) 'ପରଜା' ଉପନ୍ୟାସରେ ଶୋଷଣର ଚିତ୍ର ।

ଙ) 'ଭରସା' ନାଟକର ମଞ୍ଚମୂଲ୍ୟ ।

ଚ) 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ପ୍ରେମତତ୍ତ୍ୱ ।

ଛ) ଅନୁବାଦକ ଫକୀରମୋହନ ସେନାପତି ।

Prepp
Your Personal Exams Guide



Marks

୬. 'ରସକଲ୍ଲୋଳ' କାବ୍ୟର ନାମକରଣର ସାର୍ଥକତା ପତିପାଦନ କର । ୨୦

୭. 'ମାଟିର ମଣିଷ' ଉପନ୍ୟାସରେ ଗାନ୍ଧିବାଦୀ ଦର୍ଶନର ପ୍ରତିଫଳନ ବର୍ଣ୍ଣନା କର । ୨୦

୮. ନିମ୍ନୋକ୍ତ ପରିଚ୍ଛେଦର ଭାବ ସଂକ୍ଷେପଣ କର । ୨୦

ପ୍ରାଣୀମାନଙ୍କ ମଧ୍ୟରେ କେବଳ ମନୁଷ୍ୟ ହିଁ ଭାଷା ବ୍ୟବହାର କରେ । ଏହା ସାହାଯ୍ୟରେ ସେ ତା' ର ଭାବ ପ୍ରକାଶ କରି ପାରେ ଓ ଅପରର ଭାବ ବୁଝିପାରେ। ଅନ୍ୟ ପ୍ରାଣିମାନେ ବେଳେବେଳେ ପ୍ରବୃତ୍ତି ଚାଳିତ ହୋଇ ମୁଖନିଃସୃତଧ୍ୱନି ସାହାଯ୍ୟରେ ଭାବ ପ୍ରକାଶୀ କରିବାର ଚେଷ୍ଟା କରନ୍ତି: କିନ୍ତୁ ସେଇସବୁ ଧ୍ୱନିର ସଂଖ୍ୟା ସ୍ୱଳ୍ପ ଓ ଧ୍ୱନି ସାହାଯ୍ୟରେ ପ୍ରକାଶ ପାଉଥିବା ଭାବ ମଧ୍ୟ ନିର୍ଦ୍ଦିଷ୍ଟ । ପୁଣି ସେଇସବୁ ଧ୍ୱନି ସଙ୍ଗତ ଓପଦ୍ଧତିବଦ୍ଧ ହୋଇ ନ ଥାଏ । ସେଥିପାଇଁ ସ୍ୱଳ୍ପ ସଂଖ୍ୟକ ଧ୍ୱନି ସାହାଯ୍ୟରେ ମାତ୍ର କେତୋଟି ନିର୍ଦ୍ଦିଷ୍ଟ ଭାବ ପ୍ରକାଶ ପାଏ । ତେଣୁ ସେଇସବୁ ଧ୍ୱନିକୁ ଭାଷା ଆଖ୍ୟା ଦିଆଯାଇପାରିବ ନାହିଁ। ମନୁଷ୍ୟର ଭାଷାରେ ବ୍ୟବହୃତ ମୁଖନିଃସୃତ ଧ୍ୱନିର ସଂଖ୍ୟା ଅଧିକ । ପୁଣି ସେଇସବୁ ଧ୍ୱନି-ସଙ୍କେତଗୁଡ଼ିକ ସଜ୍ଜିତ ଓ ପଦ୍ଧତିବଦ୍ଧ ହୋଇଥିବାରୁ ଅତି ଅଳ୍ପସଂଖ୍ୟକ ଧ୍ୱନି ସାହାଯ୍ୟରେ ଅସଂଖ୍ୟ ଭାବ ପ୍ରକାଶ କରାଯାଇପାରେ ।

---